# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୧୦.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ଶ୍ରୀ ଅଜିତ୍ ବେହେରା,
୪. ସକିବା ମୁଶରତ୍,
୫. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୧୪.୧୦.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଦିଆଯାଉଥିବା ଏଲ୍.ଆର୍.ସି କିମ୍ବା ଘର ଦେବା ସମୟରେ ତାଙ୍କର ଜମି କିମ୍ବା ଘର ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିଲେ ସେମାନଙ୍କୁ ଘର କିମ୍ବା ଏଲ୍.ଆର୍.ସି ଦିଆଯାଉନାହିଁ, କିନ୍ତୁ ସହର ପାଖାପାଖି ଲୋକଙ୍କ ଜାଗା ଅଛି ସେମାନେ ବସ୍ତିରେ ରହି ଏହିସବୁ ସୁବିଧା ପାଉଛନ୍ତି ଫଳରେ ପ୍ରକୃତ ଜମି କିମ୍ବା ଘର ନଥିବା ହିତାଧିକାରୀ ବଂଚିତ ହେଉଅଛି, ତେଣୁ ଭୁବନେଶ୍ୱର ଏରିଆ ମାଧମରେ ଯାହାର ଘର କିମ୍ବା ଜମି ଥିବ ସେମାନଙ୍କୁ ଏଲ୍.ଆର୍.ସି କିମ୍ବା ଘର ନଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ଜାଗାମିଶନ୍ ଯୋଜନାରେ ବସ୍ତି ମାନଙ୍କର SDA ମାନଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟ ପାଇଁ ନୂତନ ସରକାର ଆସିବା ପରେ ନିଗମକୁ ଅର୍ଥ ଦେଇନଥିବାରୁ SDA ମାନଙ୍କୁ ବିଲ୍ ପଇଠ ହୋଇପାରୁନାହିଁ, ସେମାନେ ଆସି ବିଭିନ୍ନ ଫୋରମ୍‌ରେ ଜଣାଉଛନ୍ତି ତେଣୁ ବଜେଟର ଥିବା ୨୫% ଅର୍ଥ ସହରୀ ଗରିବ (Urban poor) ଙ୍କ ପାଇଁ ଖର୍ଚ୍ଚ ହେବାକୁ ବ୍ୟବସ୍ଥା ଥିବା ଅର୍ଥରୁ ଜାଗାମିଶନ୍ ଯୋଜନାରେ ହୋଇଥିବା କାର୍ଯ୍ୟର ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଜାଗାମିଶନ୍ ଯୋଜନାରେ ଜାଗା ପାଇବା ପାଇଁ ବସ୍ତିବାସିନ୍ଦା ଅର୍ଥ ଜମା କରିଛନ୍ତି କିନ୍ତୁ ନୂତନ ସରକାର ଆସିବା ପରେ ଜମି ପଟ୍ଟା ବାଂଟିବା ବନ୍ଦ ହୋଇଯାଇଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି, ତେଣୁ ଏ ବିଷୟରେ ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ ଓ ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ସହିତ ମାନ୍ୟବର ମେୟରଙ୍କ ଅଧକ୍ଷତାରେ କମିଟିର ଚେୟାର୍‌ପରସନ୍ ଓ ସମସ୍ତ ସଭ୍ୟ/ସଭ୍ୟା ଆଲୋଚନା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉଚ୍ଛେଦ ହୋଇଥିବା ଲୋକମାନଙ୍କୁ ଟ୍ରାଞ୍ଜିଟ୍ ହାଉସ୍‌ରେ ରଖାଯାଉଅଛି, ସେମାନଙ୍କୁ ଅନ୍ୟତ୍ର ରଖାନଯିବାରୁ ଦୀର୍ଘ ଦିନ ହେବ ସେମାନେ ସେଠାରେ ପିଲା ଛୁଆ ଧରି ରହୁଛନ୍ତି, ତେଣୁ ଟ୍ରାଞ୍ଜିଟ୍ ହାଉସ୍‌ରେ କେତେ ଦିନ ରହିପାରିବେ ତାହାର SOP କପି କମିଟିରେ ଉପସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୪.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୧୦.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ଶ୍ରୀମତୀ ସୁଚିତ୍ରା ପାତ୍ର,
୪. ମୋନାଲିସା ବେହେରା

ଅଦ୍ୟ ତା ୧୪.୧୦.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୪୮ ରେ ନୂତନ ଭାବେ ନିର୍ମାଣ ହୋଇଥିବା OUAT Park ଓ OWPO Park ଦୁଇଟିର ରକ୍ଷଣାବେକ୍ଷଣ କାର୍ଯ୍ୟ ଅସ୍ଥାୟୀ ଭାବେ ମହିଳା ସ୍ୱୟଂ ସଂହାୟକ ଗୋଷ୍ଠୀ ମାଧମରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ସରକାରୀ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇଯାଇଅଛି ସେହି ଗୃହ ଗୁଡ଼ିକ କାହା ଦାୟିତ୍ୱରେ ଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପାର୍କ ଗୁଡ଼ିକ ଏସ୍.ଏଚ୍.ଜି ମାନଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ହେଉଅଛି, ତାଙ୍କର କାର୍ଯ୍ୟକାଳ ଅକ୍ଟୋବର ମାସରେ ସରିଯାଉଥିବାରୁ ସେହି ଅର୍ଥରେ ଏଜେନ୍ସି ମାନଙ୍କ ମାଧମରେ ରକ୍ଷଣାବେକ୍ଷଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୪.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
# ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୬.୧୦.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀମତୀ ମୋନାଲିସା ସାହୁ

ଅଦ୍ୟ ତା ୧୬.୧୦.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ବୈଦ୍ୟୁତିକ କାର୍ଯ୍ୟ ପାଇଁ ପାର୍ଶ୍ୱଲିଖିତ ଅଟକଳ ମୂଲ୍ୟର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ/ ନଥି ନଂ | ଅଟକଳ ପରିମାଣ |
|---|---|---|
| 1 | Provision of 630 Amp Main Panel Board for Providing power supply to Palasuni Coconut Processing Unit Mega MCC (phase-I)<br>XXVII-141/2025 | Rs.4,98,034/- |
| 2. | Repairing and maintenance of Fly catchers, Fan & well Glass light at different Wealth Centre of BMC, BBSR.<br>XXVII-146/2025 | Rs.4,95,467/- |
| 3. | Internal Electrical wiring to Masjid Prayer Hall at Jharapada in Ward No.-32<br>XXVII-148/2025 | Rs.4,51,291/- |
| 4. | Provision of Internal wiring inside of Kedargouri Temple | Rs.4,45,064/- |
| 5. | Provision of LED flood light tubelight install of Kedargouri Temple | Rs.4,28,538/- |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ୫ ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ମନ୍ଦିରରୁ ବାହାରୁଥିବା ତୁଳସୀ, ଫୁଲ ଓ ବେଲପତ୍ରରୁ ଧୂପକାଠି ନିର୍ମାଣ କରିବା ନିମନ୍ତେ ଉକ୍ତ ତୁଳସୀ, ଫୁଲ ଓ ବେଲପତ୍ର ଗୁଡ଼ିକ ସଂଗ୍ରହ କରି ଆଣିବା ନିମନ୍ତେ ତିନି ଗୋଟି ଜୋନ୍ ପାଇଁ ତିନି ଗୋଟି ଗାଡ଼ି ନିୟୋଜନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଅଳିଆ ସଂଗ୍ରହ ପରିବହନ ପାଇଁ ବିଭିନ୍ନ ସ୍ଥାନରେ ଟ୍ରଲି ପଏଂଟ୍ ଚିହ୍ନଟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରୁଥିବା ଏଜେନ୍ସି ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀ, ଏନ୍.ଜି.ଓ ଦ୍ୱାରା ନିୟୋଜିତ କର୍ମଚାରୀ, ପରିମଳ ନିରୀକ୍ଷକ, ସ୍ୱଚ୍ଛ ସୁପରଭାଇଜର, ସିକ୍ୟୁରିଟି ଗାର୍ଡ଼ ଓ ଟଏଲେଟ୍‌ରେ ନିୟୋଜିତ କର୍ମଚାରୀ ମାନଙ୍କର ଆଧାରବେସ୍ ଉପସ୍ଥାନ ପ୍ରଚଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ସଫେଇ ଓ ପରିମଳ କାର୍ଯ୍ୟ ପାଇଁ ଛଅ ଗୋଟି ଜୋନ୍‌ରେ ବିଭକ୍ତ କରି ଟେଣ୍ଡର ଡ଼କାଯାଇ ଡ଼ିସେମ୍ବର ୨୫ ତାରିଖ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଏବଂ ଏହି କାର୍ଯ୍ୟ କରିବା ପାଇଁ ସକ୍ଷମ ଥିବା ବ୍ୟକ୍ତିକୁ ସମ୍ପୃକ୍ତ ସଂସ୍ଥା ନିୟୋଜନ କରିବା ଏବଂ କୌଣସି ପରିସ୍ଥିତିରେ କାର୍ଯ୍ୟ ବନ୍ଦ ନକରିବା ସମ୍ପର୍କରେ ଅଙ୍ଗୀକାର ଦେବାପାଇଁ ଏବଂ ଯଦି କାର୍ଯ୍ୟ ବନ୍ଦ ହୁଏ ତେବେ ଏଜେନ୍ସି ଦାୟୀ ରହିବେ ବୋଲି ଟେଣ୍ଡରରେ ସର୍ତ୍ତ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମୁଖ୍ୟ ରାସ୍ତା ଗୁଡ଼ିକ ମେକାନିକାଲ୍ ସୁଇପିଙ୍ଗ୍ ପାଇଁ ପ୍ୟାକେଜ୍-୩ ନିମନ୍ତେ ପୁନଃ ଟେଣ୍ଡର ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ଏବଂ ମେକାନିକାଲ୍ ସୁଇପିଙ୍ଗ୍‌ରେ କୌଣସି ମାନୁଆଲ୍ ସୁଇପିଙ୍ଗ୍‌କୁ ଗ୍ରହଣ କରାଯିବ ନାହିଁ ଯେଉଁ ସଂସ୍ଥା ଟେଣ୍ଡର ନେବେ ଠିକ୍ ଭାବରେ କାମ କରିବେ ନଚେତ୍ ତାଙ୍କ ଟେଣ୍ଡର ରଦ୍ଦ କରାଯିବା ପାଇଁ DTCAN ରେ ବ୍ୟବସ୍ଥା ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ବିଭିନ୍ନ ସହରରେ ଅଳିଆରୁ ଶକ୍ତି ଉତ୍ପାଦନ ହେଉଅଛି, ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବହୁ ଅଳିଆ ବାହାରୁଥିବାରୁ ସେଥିରୁ ଶକ୍ତି ଉତ୍ପାଦନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୭). ଭୁବନେଶ୍ୱର ମହାନଗର ନିଗମର ୨୨ ଗୋଟି ୱେଲ୍‌ଥ ସେଂଟର, ମେଗା ଏମ୍.ଆର୍.ଏଫ୍, Flower west processing plant, ନଡ଼ିଆକତା ପ୍ରୋସେସିଙ୍ଗ୍ ପ୍ଲାଂଟ୍ ଏବଂ E-waste ପ୍ରୋସେସିଙ୍ଗ୍ ପ୍ଲାଂଟ୍‌ର ସୁପରିଚାଳନା ପାଇଁ ମାନବ ସମ୍ବଳ ଯୋଗାଉଥିବା ସଂସ୍ଥାଙ୍କ ଦ୍ୱାରା ମାସିକ ଟ'୧୫,୦୦୦/- ବେତନ ହାରରେ ଏକ ବର୍ଷ ନିମନ୍ତେ ପ୍ଲାଂଟ୍ ମ୍ୟାନେଜର୍ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୮). ADUPHO କୌଣସି ବୈଠକରେ ଉପସ୍ଥିତ ରହୁନାହାଁନ୍ତି, ତେଣୁ ଆସନ୍ତା ମାସ ଠାରୁ ସବୁ ବୈଠକରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୯). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଡ଼ାକ୍ତରଖାନା ଗୁଡ଼ିକ ବ୍ୟକ୍ତିଗତ ଘରଭଡ଼ା ନେଇ ପରିଚାଳିତ ହେଉଅଛି ସେଗୁଡ଼ିକ ପାଖରେ ଥିବା ସରକାରୀ ଘରେ ପରିଚାଳନା କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଯେଉଁଠାରେ ଡ଼ାକ୍ତରଖାନା ଅଛି କିନ୍ତୁ ପାଖାପାଖିରେ କୌଣସି ସରକାରୀ ଗୃହ ନାହିଁ ସେହି ଡ଼ାକ୍ତରଖାନା ଗୁଡ଼ିକ ଘରଭଡ଼ା ନେଇ ପରିଚାଳନା କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୦). ଦୁର୍ଗାପୂଜା ସମୟରେ ଗଛଡ଼ାଳ କାଟିବା ପାଇଁ OFDC ରୁ କର୍ମଚାରୀ ଆଣି ଗଛ କାଟିବା କାର୍ଯ୍ୟ ସୁରୁଖୁରୂପେ ସମ୍ପାଦନ କରାଯାଇଅଛି, ସେମାନେ କୌଣସି ଗାଡ଼ିର ଆବଶ୍ୟକ କଲେନାହିଁ, ତେଣୁ ସେହିଭଳି ଦକ୍ଷ ୧୦ ଜଣ ଗଛକଟାଳି OFDC ବା ଅର୍ଦ୍ଧକୁଶଳୀ ଶ୍ରମିକ ମଜୁରି ହାରରେ ଅନ୍ୟ ସଂସ୍ଥା ଦ୍ୱାରା ଆବଶ୍ୟକ ଖର୍ଚ୍ଚ ବି.ଏମ୍.ସି ଫଣ୍ଡ଼ରୁ ବହନ କରାଯାଇ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ମିଆମାଓ ଜଙ୍ଗଲର ଗଛ ଗୁଡ଼ିକର ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ୩ ଗୋଟି (୪, ୫ ଓ ୫୦) ୱାର୍ଡ଼ ଗୁଡ଼ିକରେ ବ୍ୟବହାର ହେଉଥିବା ବ୍ରସ୍ କଟିଙ୍ଗ୍ ମେସିନ୍ ପାଇଁ ଆବଶ୍ୟକ ହେଉଥିବା ତେଲ ଯୋଗାଇବା ଓ ଏହାର ମରାମତି କାର୍ଯ୍ୟ ଦୁଆର କୁ ଦୁଆର ସଂଗ୍ରହ କରୁଥିବା ଏନ୍.ଜି.ଓ ମାନଙ୍କ ଦ୍ୱାରା କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୬.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ନମିତା ମହାପାତ୍ର,
୪. ଶ୍ରୀମତୀ ସ୍ୱରୁଲତା ସାମନ୍ତରାୟ,
୫. ଶ୍ରୀ ବିପ୍ଳବ ବେହେରା

ଅଦ୍ୟ ତା ୧୭.୧୦.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ ନିର୍ବାହୀ ଯନ୍ତ୍ରୀ (ଟେଣ୍ଡର) ଉପସ୍ଥାପିତ କରିଥିବା Final NOC ରିପୋର୍ଟରେ କେଉଁ କାର୍ଯ୍ୟ ପାଇଁ EIDP ପ୍ରସ୍ତୁତ ହୋଇ Final NOC ଦିଆଯାଇଥିଲା ତାହା ଉଲ୍ଲେଖ ହୋଇନାହିଁ, ତେଣୁ ଆସନ୍ତା ମାସ ବୈଠକ ଠାରୁ ବିଲ୍ଡର୍/ ବ୍ୟକ୍ତି କେଉଁ କାର୍ଯ୍ୟ ପାଇଁ EIDP ପ୍ରସ୍ତୁତ କରାଯାଇ ଅର୍ଥ ଜମା କଲାପରେ Final NOC ଦିଆଯାଉଅଛି ତାହା ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଜିର ବୈଠକରେ ସିଟି ପ୍ଲାନର୍ ଉପସ୍ଥିତ ନଥିବାରୁ ଅକୁପାନ୍ସି ସାର୍ଟିଫିକେଟ୍ ବିଷୟରେ ଆସନ୍ତା ମାସ ବୈଠକରେ ଆଲୋଚନା ହେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୧(୩). ଆସନ୍ତା ମାସ ବୈଠକ ଠାରୁ ପ୍ରତି ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ଆଂଚଳିକ ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୭.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୫ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାଜକିଶୋର ଦାସ, ଚେୟାର୍‌ମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୩. ଶ୍ରୀ ଶିବ ପ୍ରସାଦ ବେହେରା

ଅଦ୍ୟ ତା ୧୭.୧୦.୨୦୨୫ ରିଖ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଇଲେକ୍ଟ୍ରି ସବ୍‌ଷ୍ଟେସନ୍ ଗୁଡ଼ିକୁ ଆସେସ୍‌ମେଂଟ କରାଯାଇ ସେଠାରୁ ଟିକସ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ଆଇଗିଣିଆ ସ୍ଥିତ ଆଳୁଗଦି ଠାରେ ବହୁ ବଡ଼ ଗାଡ଼ି ରହୁଅଛି, ବଡ଼ ଗାଡ଼ି ଗୁଡ଼ିକ ପାଇଁ ପାର୍କିଙ୍ଗ୍ ଫି ଧାର୍ଯ୍ୟ କରି ସେଠାରୁ ପାର୍କିଙ୍ଗ୍ ଫି ଆଦାୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପୂଜା ମଣ୍ଡପ ପାଇଁ ଭୁବନେଶ୍ୱର ମହାନଗର ନିଗମରୁ NOC ନେଉଛନ୍ତି ଏଥିପାଇଁ ୟୁଜର୍ ଫି ମାତ୍ର ୮୫୦/- ଦେଉଛନ୍ତି କିନ୍ତୁ ସେଠାରେ କୁଢ କୁଢ ଅଳିଆ ଦୀର୍ଘଦିନ ପଡ଼ିରହୁଅଛି, ତେଣୁ ସେମାନଙ୍କ ଠାରୁ ୟୁଜର୍ ଫି ନିଆନଯାଇ ସେମାନଙ୍କ ଠାରୁ Security deposit ରଖାଯିବ ଯଦି ସେମାନେ ଦୁଇ ଦିନ ମଧ୍ୟରେ ଅଳିଆ ସଫା ନକରନ୍ତି ତେବେ ସେମାନେ ଦାଖଲ କରିଥିବା Security deposit ବାଜ୍ୟାପ୍ତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୭.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୩. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୧୭.୧୦.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତାରେ ବିଦ୍ୟୁତ୍‌ଖୁଂଟ ଗୁଡ଼ିକରେ ନିଭ୍, ସ୍ମାର୍ଟ ଓ କ୍ରମ୍ପଟନ୍ ଲାଇଟ୍ ଲାଗିଅଛି । ଲାଇଟ୍ ଖରାପ ହେଲେ ଗୋଟିଏ କମ୍ପାନୀର ଲୋକ ସଜାଡ଼ିଲେ ଅନ୍ୟ କମ୍ପାନୀର ଲାଇଟ୍ ଗୁଡ଼ିକ ଜଳୁନଥିବାରୁ ଲୋକମାନେ କର୍ପୋରେଟର ଏବଂ ବିଭିନ୍ନ ସ୍ଥାନରେ ଅଭିଯୋଗ କରୁଛନ୍ତି, ତେଣୁ ନୂତନ ଟେଣ୍ଡରରେ ତିନି ଗୋଟି କମ୍ପାନୀର ଲାଇଟ୍ ଗୁଡ଼ିକୁ ମରାମତି କରିବା ଏବଂ ଟାଇମର୍ ଲଗାଇବା ପାଇଁ ସର୍ତ୍ତ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଘରକୁ ଘର ଅଳିଆ ସଂଗ୍ରହ କରୁଥିବା ଗାଡ଼ି ଆଗରୁ ସକାଳ ୬ ଘଟିକା ୩୦ ମିନିଟ୍ ରୁ ସକାଳ ୭ ଘଟିକା ମଧରେ ଅଳିଆ ସଂଗ୍ରହ କରୁଥିଲା ଏବେ ସକାଳ ୮ ଘଟିକାରୁ ୯ ଘଟିକା ମଧରେ ଅଳିଆ ସଂଗ୍ରହ କରୁଅଛି ଫଳରେ କେତେକ ଲୋକ ଅଫିସ୍ କାମ କିମ୍ବା ଅନ୍ୟ କାମରେ ଯିବା ପୂର୍ବରୁ ଅଳିଆ ସଂଗ୍ରହ ହୋଇପାରୁନାହିଁ ଫଳରେ ରାସ୍ତାରେ ଅଳିଆ ଫୋପାଡୁଥିବା ଅଭିଯୋଗ ହେଉଅଛି, ତେଣୁ ଗାଡ଼ି ଗୁଡ଼ିକ ପ୍ରତିଦିନ ସକାଳ ୬ ଘଟିକା ୩୦ ମିନିଟ୍ ପୂର୍ବରୁ ଅଳିଆ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୭.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୦.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀମତୀ ଜୟନ୍ତି ସାହୁ,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ସେକ୍ ନୁରହାସନ୍

ଅଦ୍ୟ ତା ୧୮.୧୦.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ଠିକାଦାରମାନଙ୍କୁ ଦୁର୍ଗାପୂଜାରେ ବିଲ୍ ପଇଠ ହୋଇନଥିବାରୁ ଠିକାଦାରମାନେ ରାସ୍ତା, ନାଳ, ବିଲ୍ଡିଂ ଇତ୍ୟାଦି କାର୍ଯ୍ୟ କରୁନାହାଁନ୍ତି, ତେଣୁ ଠିକାଦାରମାନଙ୍କୁ ବିଲ୍ ପଇଠ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପଇଠ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା (Annual Action Plan) ର କପି କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାଜ୍ୟ ସରକାରଙ୍କ ଆଦେଶ ମତେ ଜାଗାମିଶନ୍ ଓ ମୁକ୍ତା ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡ଼ିକର ବିଲ୍ ପଇଠ ହୋଇପାରୁନାହିଁ, ତେଣୁ ସେହି କାର୍ଯ୍ୟ ଗୁଡ଼ିକ କାର୍ଯ୍ୟ ଯୋଜନା (Annual Action Plan) ରେ ଅନ୍ତର୍ଭୁକ୍ତ କରି ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୮.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୦.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ,
୩. ଶ୍ରୀମତୀ ପୁଷ୍ପା ରାଉତ,
୪. ଶ୍ରୀମତୀ ପୂଜା ମହାରଣା,
୫. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୬. ଶ୍ରୀମତୀ ଝରଣାରାଣୀ ପତି

ଅଦ୍ୟ ତା ୧୮.୧୦.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ପାଇଁ ଅନୁମତି ନେଇଥିବା ଟୋରେଂଟୋ ସଂସ୍ଥା ନିଗମର ସମସ୍ତ ଅର୍ଥ ପଇଠ ନକଲେ ତାଙ୍କର ହୋର୍ଡିଙ୍ଗ୍ କାଟିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ଛଅ ନମ୍ବର ସ୍ଥିତ କାଳି ମନ୍ଦିର ମାର୍କେଟ୍ ଭାଙ୍ଗିଗଲାଣି, ତାହାକୁ ପୁନଃ ନିର୍ମାଣ କରିବା ପାଇଁ PMU Cell ଦ୍ୱାରା ନୂତନ ଡ଼ିଜାଇନ୍ ପ୍ରସ୍ତୁତ କରାଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ରସୁଲଗଡ଼ ଠାରେ ବହୁତ ଗୁଡ଼ିଏ ବଡ଼ ଗାଡ଼ି ରହୁଅଛି ତାହାକୁ ପାର୍କିଙ୍ଗ୍ ସ୍ଥଳ ଘୋଷଣା କରାଯାଇ ସେଠାରେ ରହୁଥିବା ବଡ଼ ଗାଡ଼ି ଗୁଡ଼ିକର ପାର୍କିଙ୍ଗ୍ ଫି ଧାର୍ଯ୍ୟ କରି ଅର୍ଥ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୮.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୩.୧୦.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୪. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା,
୫. ଶ୍ରୀମତୀ ଧରିତ୍ରୀ ଜେନା

ଅଦ୍ୟ ତା ୨୩.୧୦.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଘରକୁ ଘର ଅଳିଆ ସଂଗ୍ରହ କରୁଥିବା ଗାଡ଼ିରେ ପୂର୍ବରୁ ଦୁଇ ଜଣ ଲେଖାଏଁ ହେଲ୍‌ପର୍ କାର୍ଯ୍ୟ କରୁଥିଲେ ଏବେ ପ୍ରତି ଗାଡ଼ିରେ ଜଣେ ଲେଖାଏଁ ହେଲ୍‌ପର୍ ରହୁଥିବାରୁ ଅଳିଆ ସଂଗ୍ରହରେ ବିଳମ୍ବ ହେଉଅଛି ଏବଂ ଜଣେ ଛୁଟିରେ ରହିଲେ କାର୍ଯ୍ୟ ବନ୍ଦ ହେଉଅଛି, ଅଫିସ୍ ସମୟ ପୂର୍ବରୁ ଅଳିଆ ସଂଗ୍ରହ ହୋଇପାରୁନାହିଁ । ବହୁ ପରିମାଣର ଅଳିଆ ବାହାରୁଥିବା ଏରିଆକୁ ମଧ୍ୟ ଠିକ୍ ସମୟରେ ଅଳିଆ ସଂଗ୍ରହ ହୋଇପାରୁନାହିଁ, ତେଣୁ ପୂର୍ବରୁ ଯେଉଁଭଳି ଗୋଟିଏ LCV ଗାଡ଼ିରେ ଦୁଇ ଜଣ ଲେଖାଏଁ ହେଲ୍‌ପର୍ ନିୟୋଜନ କରି ଅଳିଆ ସଂଗ୍ରହ କାର୍ଯ୍ୟ କରାଯାଉଥିଲା ସେହିଭଳି ପ୍ରତି ଗାଡ଼ିରେ ଦୁଇ ଜଣ ଲେଖାଏଁ ହେଲ୍‌ପର୍ ନିୟୋଜନ କରାଯାଇ ସେବା ଯୋଗାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ସତ୍ୟନଗର, ଧର୍ମବିହାର ଓ ଆଇଗିଣିଆ ଠାରେ ଥିବା ମଶାଣିରେ ତିନି ଜଣ DEO ନିଯୁକ୍ତି ପାଇଛନ୍ତି ତାହା କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ଦ୍ୱାରା ଅନୁମୋଦିତ ନହୋଇ ରଖାଯାଇଅଛି, ସେମାନଙ୍କୁ କାହା ଅନୁମୋଦନରେ ରଖାଯାଇଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପିତ କରିବା ପାଇଁ ଉପ ଆୟୁକ୍ତ, IT ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୨୩.୧୦.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୯.୧୦.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୯.୧୦.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜ୍ଡ଼ି ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ଚର:-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜ୍ଡ଼ି ଅଟକଳ |
|---|---|---|---|
| 1. | Constn. of pavered Road & Drain in Ward No.-04 (phase-I) File No.-XXIX-Div.-I-1472/2023 | Rs.3,70,61,453/- | Rs.3,40,46,746/- |

ନିର୍ଦ୍ଧାରଣ-୧: ଏ ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ରିଭାଇଜ୍ ଅଟକଳ ଅନୁମୋଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୬.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର ସୈନିକ ସ୍କୁଲ୍ ନିକଟରେ ଥିବା ଟି.ଟି.ଏସ୍ ର ପୂର୍ବ ପାର୍ଶ୍ୱରେ ଏକ ପ୍ରିକାଷ୍ଟ୍ ଡ୍ରେନ୍ ନିର୍ମାଣ କରାଯିବ, ଯାହାର ଦୈର୍ଘ୍ୟ ୩୬୦ ମିଟର ରହିବ । ଏହାଦ୍ୱାରା ବର୍ଷା ଓ ଅନ୍ୟାନ୍ୟ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଫଳରେ ପରିସର ଓ ଆବାସିକ ଅଂଚଳରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେବନାହିଁ । ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଏବଂ ଟି.ଟି.ଏସ୍ ସୁପରିଚାଳନାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟ ପାଇଁ ଟ୫୨,୦୧,୫୦୦/- ଙ୍କାର ଅଟକଳ ପ୍ରସ୍ତୁତ କରାଯାଇ BMC vide Bid Ref. No.BMC-EE-Tender Cell-27/2025-26 ତା୨୨.୦୭.୨୦୨୫ ରିଖ ଓ ଇ-ପ୍ରୋକ୍ୟୁରମେଂଟ ନୋଟିସ୍ ନଂ-୩୬୧୯୪ ତା ୨୨.୦୭.୨୦୨୫ ରିଖରେ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏବଂ ଏହି ଟେଣ୍ଡରରେ ୯ ଜଣ ବିଡ଼ର୍ସ ଅଂଶଗ୍ରହଣ କରିଥିଲେ ।

ଏହି ୯ ଜଣ Bidder Technical Evolution କରାଯାଇ ଫାଇନାନ୍ସିଆଲ୍ ବିଡ୍ ତା ୦୬.୦୮.୨୦୨୫ ରିଖରେ ଇ-ପ୍ରୋକ୍ୟୁରମେଂଟ ପୋର୍ଟାଲରେ ଖୋଲାଯାଇଥିଲା । ସେଥିମଧ୍ୟରୁ ଫାଇନାନ୍ସିଆଲ୍ ପ୍ରପୋଜାଲ୍ ଅନୁସାରେ ୮ ଜଣ ବିଡ଼ର୍ସ-୧୪.୯୯% ରେ ପକାଇଥିବାରୁ ତା ୦୮.୦୮.୨୦୨୫ ରିଖରେ ଟେଣ୍ଡର ଅଫିସିଆଲଙ୍କ ଉପସ୍ଥିତିରେ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା । ଏହି ଲଟେରୀ ପ୍ରୋସେସ୍‌ରେ ଶ୍ରୀ ଅଭୟ କୁମାର ସାହୁ ଚୟନ ହୋଇଥିଲେ, ଶ୍ରୀ ସାହୁଙ୍କ ଦର ଟ୪୪,୨୧,୭୧୫/- ମାତ୍ର ଯାହାକି ଅଟକଳ ମୂଲ୍ୟ ଠାରୁ ୧୪.୯୯% କମ୍‌ରେ lowest bidder ହୋଇଥିବାରୁ ଏହାର ଗ୍ରହଣ/ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ଚର:- ନଥି ନଂ-XXXXX-II-SBAC-123/2025 ଟିପ୍ପଣୀ ପୃଷ୍ଠା-୧ ରୁ ୪୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ ଅନୁମୋଦନ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମର ସୈନିକ ସ୍କୁଲ୍ ନିକଟରେ ଥିବା ଟି.ଟି.ଏସ୍ ଠାରେ "Legacy West" ପ୍ଲାଟଫର୍ମର ଚାରିପାଖରେ ପ୍ରିକାଷ୍ଟ ଆର୍.ସି.ସି ଡ୍ରେନ୍‌ର ଦୈର୍ଘ୍ୟ ୨୨୦ ମିଟର ଓ ଏପ୍ରୋଚ୍ ରୋଡ୍ ଦୈର୍ଘ୍ୟ ୨୫୭ ମିଟର ନିର୍ମାଣ କରାଯିବ ଯାହାଦ୍ୱାରା ବର୍ଷାଜଳ ନିଷ୍କାସନ, ପରିଚାଳନା ସୁବିଧା ଓ ପରିବେଶ ସୁରକ୍ଷିତ ରହିପାରିବ । ଏହି କାର୍ଯ୍ୟ ମାଧମରେ ସେହି ଅଂଚଳରେ ବର୍ଷାଜଳ ଜମା ହୋଇ ରହିବ ନାହିଁ ଏବଂ ଲେଗାସି ୱେଷ୍ଟ ପ୍ଲାଟଫର୍ମ ପାଖରେ ଯାତାୟତ ସୁବିଧା ସହିତ ପରିବେଶ ଶୁଦ୍ଧ ଓ ସୁରକ୍ଷିତ ରହିବ । ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଏବଂ ଟି.ଟି.ଏସ୍ ସୁପରିଚାଳନାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟ ପାଇଁ ଟ୯୨,୭୩,୩୭୭/-ଙ୍କାର ଅଟକଳ ପ୍ରସ୍ତୁତ କରାଯାଇ BMC vide Bid Ref. No.BMC-EE-Tender Cell-30/2025-26 ତା୨୮.୦୭.୨୦୨୫ ରିଖ ଓ ଇ-ପ୍ରୋକ୍ୟୁରମେଂଟ ନୋଟିସ୍ ନଂ-୩୭୩୦୫ ତା ୨୮.୦୭.୨୦୨୫ ରିଖରେ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏବଂ ଏହି ଟେଣ୍ଡରରେ ୧୪ ଜଣ ବିଡ଼ର୍‌ସ ଅଂଶଗ୍ରହଣ କରିଥିଲେ ।

ଏହି ୧୪ ଜଣ Bidders Technical Evolution କରାଯାଇ ଫାଇନାନ୍‌ସିଆଲ୍ ବିଡ୍ ତା ୧୯.୦୮.୨୦୨୫ ରିଖରେ ଇ-ପ୍ରୋକ୍ୟୁରମେଂଟ ପୋର୍ଟାଲରେ ଖୋଲାଯାଇଥିଲା । ସେଥିମଧ୍ୟରୁ ଫାଇନାନ୍‌ସିଆଲ୍ ପ୍ରପୋଜାଲ୍ ଅନୁସାରେ ୧୩ ଜଣ ବିଡ଼ର୍‌ସ-୧୪.୯୯% ଓ ଜଣେ (SC) କଂଟ୍ରାକ୍ଟର -୮.୦୦% ଲେସ୍‌ରେ ପକାଇଥିବା ହେତୁ ତା ୨୨.୦୮.୨୦୨୫ ରିଖରେ ଟେଣ୍ଡର ଅଫିସିଆଲ୍‌ଙ୍କ ଉପସ୍ଥିତିରେ ଲଟେରୀ ମାଧମରେ ଚୟନ କରାଯାଇଥିଲା । ଏହି ଲଟେରୀ ପ୍ରୋସେସ୍‌ରେ ଶ୍ରୀ ଲୋକନାଥ ମହାନ୍ତି ଚୟନ ହୋଇଥିଲେ, ଶ୍ରୀ ମହାନ୍ତି ଟ୭୮,୮୩,୨୯୮/- ମାତ୍ର ଯାହାକି ଅଟକଳ ମୂଲ୍ୟ ଠାରୁ ୧୪.୯୯% କମ୍‌ରେ lowest bidder ହୋଇଥିବାରୁ ଏହାର ଗ୍ରହଣ/ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXXX-II-SBAC-142/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୪୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ OPWD Code ଅନୁଯାୟୀ ସର୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ ଅନୁମୋଦନ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ L-2 ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Constn. of CC Road and Drain from Ramakanta Mishra House Plot No.-332/2739 to S.S Mishra House to Plot No.-352/3218 and Plot No.-46/2492 to Plot No.-335/2525 in W.No.60 File No.-XXIX-Div.-III-434/2024 | Rs.63,41,615/- | Rs. 59,29,410/- | Pratap Ch. Moharana | 6.50 |
| 2. | Constn. of Community Centre at Carrom Association in W.No.-67 File No.-XXIX-Div.-III-08/2025 | Rs.19,13,767/- | Rs.17,77,698/- | Sachidananda Sethy | 7.11 |

ନିର୍ଦ୍ଧାରଣ-୪. ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର L-1 ଠିକାଦାରଙ୍କ ନିବିଦା ରଦ୍ଦ କରାଯିବା ସହିତ ସେମାନେ ଦାଖଲ କରିଥିବା EMD ବାଜ୍ୟାପ୍ତି କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ସହରର ବୃଦ୍ଧିଶୀଳ ଜନସଂଖ୍ୟା ସହିତ Municipal Solid Waste ପରିଚାଳନା ଆହୁରି ଜଟିଳ ଓ ଚାଲେଞ୍ଜିଙ୍ଗ୍ ହୋଇପାରୁଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚ କର୍ତୃପକ୍ଷଙ୍କ ଆଦେଶ ଅନୁସାରେ ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି) ଦ୍ୱାରା ୫୦ TPD କ୍ଷମତାର ମୋଟ ୬ ଟି Waste Transfer Station (WTS) ସ୍ଥାପନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏହା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ମୀସାଗର ଠାରେ Waste Transfer Station ର ସିଭିଲ୍ ୱାର୍କ କାର୍ଯ୍ୟନିର୍ବାହ କରିବାକୁ ପ୍ରସ୍ତାବ ହୋଇଛି ଯାହାର ଆନୁମାନିକ ବ୍ୟୟ ହେଉଛି Rs.1,74,52,000.00 (Rupees One Crore Seventy-Four Lakhs Fifty-Two Thousand) only, inclusive of 18% GST ମାତ୍ର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ- XXXXX-II-SBAC-124/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୪୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ପାଣ୍ଡରା ଠାରେ ଏକ ଅତ୍ୟାଧୁନିକ ମାଛ ମାର୍କେଟ୍ ନିର୍ମାଣ ନିମନ୍ତେ Bid Reference No. BMC-EE-Tender Cell-28/2025-26 ତା ୨୫.୦୭.୨୦୨୫ ରିଖରେ ଅନ୍‌ଲାଇନ୍ ମାଧ୍ୟମରେ ଏକ ଟେଣ୍ଡର (RFP) ଆହ୍ୱାନ କରାଯାଇଥିଲା । ବୈଷୟିକ ମୂଲ୍ୟାଙ୍କନ ଏବଂ ବୈଷୟିକ ଉପସ୍ଥାପନ (Technical Presentation) ପରେ ଦିଲ୍ଲୀପ୍ କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରସ୍ତାବିତ ମୂଲ୍ୟ ଟ୫୧,୩୦,୨୯,୧୦୦/-(ଏକାବନ କୋଟି ତିରିଶ ଲକ୍ଷ ଅଣତିରିଶ ହଜାର ଏକ ଶହ ଟଙ୍କା) ମାତ୍ରକୁ ସର୍ବନିମ୍ନ ମୂଲ୍ୟ ହିସାବରେ ସ୍ଥିରୀକୃତ ହୋଇଛି । ଏହାର ଅନୁମୋଦନ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କୁ ପ୍ରେରଣ ନିମନ୍ତେ କମିଟିଙ୍କ ବିଗ୍ଚର:- ନଥି ନଂ-XXIX-PWD-Div.-I-1595/2024

ନିର୍ଦ୍ଧାରଣ-୬. ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୭. Aastha Electricals ପାଇଥିବା ଭୁବନେଶ୍ୱର ମହାନଗର ନିଗମର ଟେଣ୍ଡର ଯାହାକି "Selection of Agency for operation & maintenance of existing LED streetlights for Bhubaneswar Municipal Corporation (BMC) Area" ରେ କିଛି ତ୍ରୁଟି ଥିବା କାରଣରୁ ବି.ଏମ୍.ସି କୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିପାଇଁ ଏହି ଟେଣ୍ଡରକୁ ବାତିଲ କରାଯାଇ ଜୋନ୍‌ୱାଇଜ୍ ଟେଣ୍ଡର ଡ଼ାକିବା ନିମନ୍ତେ କମିଟିଙ୍କ ବିଗ୍ଚର:- ନଥି ନଂ-XXVII-153/2024

ନିର୍ଦ୍ଧାରଣ-୭. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. M/s. Sheranwali Infrastructure Pvt. Ltd. ଗାଡ଼ି ପ୍ରଦାନକାରୀ ସଂସ୍ଥା ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ବରିଷ୍ଠ ଅଧିକାରୀମାନଙ୍କ ପାଇଁ ସଂସ୍ଥାକୁ Scorpio ଓ Innova Crysta ଗାଡ଼ି ପ୍ରଦାନ କରିବାକୁ ବ୍ୟବସ୍ଥା ଥିବା ସହିତ ସେଥିପାଇଁ ନିର୍ଦ୍ଧାରିତ ଦର ହେଉଛି:- Scorpio ପାଇଁ ପ୍ରତି ମାସ ଟ ୩୩,୦୦୦/- (ଅର୍ଥାତ୍ ଟ୧,୧୦୦ ପ୍ରତିଦିନ) ଓ Innova Crysta ପାଇଁ ପ୍ରତି ମାସ ଟ୩୬,୦୦୦/- (ଅର୍ଥାତ୍ ଟ୧,୨୦୦ ପ୍ରତିଦିନ) । ଏହା ସହିତ ଅର୍ଥ ବିଭାଗଙ୍କ କାର୍ଯ୍ୟାଳୟ ସ୍ମାରକ ନଂ-୨୨୯୨୪, ତା ୧୪.୦୮.୨୦୨୩ ରିଖ ଅନୁସାରେ, Scorpio ଓ Innova Crysta ଗାଡ଼ି ପାଇଁ ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା କ୍ରମଶଃ ଟ୩୭,୦୦୦ ଓ ଟ୪୨,୦୦୦ ପ୍ରତି ମାସ ରହିଛି । ସମ୍ପ୍ରତି M/s. Sheranwali Infrastructure Pvt. Ltd. ପକ୍ଷରୁ ମୂଳ ଦର (ଟ୩୩,୦୦୦/ ଟ୩୬,୦୦୦) ରେ ସେବା ଜାରି ରଖିବାରେ ଅସୁବିଧା ହେଉଥିବା ଜଣାଇଛନ୍ତି । ଏହି ପରିସ୍ଥିତିରେ ଅର୍ଥ ବିଭାଗଙ୍କ କାର୍ଯ୍ୟାଳୟ ସ୍ମାରକ ନଂ ୨୨୯୨୪ ତା ୧୪.୦୮.୨୦୨୩ ରିଖକୁ ଆଧାର କରି ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା Scorpio ଗାଡ଼ି ପାଇଁ ପ୍ରତି ମାସ ଦର ଟ୩୩,୦୦୦/- ରୁ ଟ୩୭,୦୦୦/- ଓ Innova Crysta ପାଇଁ ପ୍ରତି ମାସ ଟ୩୬,୦୦୦/- ରୁ ଟ୪୨,୦୦୦/- ରେ ଦର ସଂଶୋଧନ ତା ୦୧.୧୦.୨୦୨୫ ରିଖ ଠାରୁ ଲାଗୁ କରାଯିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:- ନଥି ନଂ- XXX-VI-121/2025 ଟିପ୍ପଣୀ ପୃଷ୍ଠା-୫ ରୁ ୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୯. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା-BMC-EE-Div.-I-26/2023-24 ତା ୧୧.୧୦.୨୦୨୩ ରିଖରେ Construction of pavered Road and Drain in Ward No.-05 (ph-I) ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ Sri Pratap Kumar Udaysingh L-1 bidder ହୋଇଥିବାରୁ ତାଙ୍କୁ ଏଗ୍ରିମେଂଟ ମୂଲ୍ୟ ଟ୪,୧୩,୩୨,୫୮୯/- (including GST-18%) ରେ କାର୍ଯ୍ୟ କରିବା ନିମନ୍ତେ ପତ୍ରସଂଖ୍ୟା-୧୬୭୯ ତା ୨୧.୦୨.୨୦୨୪ ରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସେ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଜମି ବିବାଦ ଯୋଗୁଁ କାର୍ଯ୍ୟ କରିବାରେ ବହୁବାର ବାଧାପ୍ରାପ୍ତ ହୋଇଥିଲା, ଏହି ସମସ୍ୟା ଗୁଡ଼ିକ ଯୋଗୁଁ ଠିକାଦାର କାର୍ଯ୍ୟ ସମାପ୍ତ କରିବା ସମ୍ଭବ ହୋଇନଥିଲା । ଏଥି ମଧ୍ୟରେ ଠିକାଦାର ୭୫ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ବଳକା ୨୫ ଭାଗ କାର୍ଯ୍ୟ ବିଭିନ୍ନ ସମସ୍ୟା ଯୋଗୁଁ କାର୍ଯ୍ୟଟି ସମ୍ପୂର୍ଣ୍ଣ କରିପାରିନାହାଁନ୍ତି । ଏହି ୭୫ ଭାଗ କାର୍ଯ୍ୟ କରିବା ଅବଧି ମଧ୍ୟରେ ଚୁକ୍ତିନାମା ଶେଷ ତାରିଖ (୨୦.୦୫.୨୦୨୪) ୩୭୯ ଦିନ ବିଭିନ୍ନ ସମସ୍ୟା ଯୋଗୁଁ ବିଳମ୍ବ ହୋଇଅଛି । ସମ୍ପୃକ୍ତ ଠିକାଦାର ପତ୍ର ମାଧ୍ୟମରେ ଅବଗତ କରିଅଛନ୍ତି ଯେ, ତାଙ୍କର ହୋଇଥିବା ଚୁକ୍ତିନାମା (Agreement) କୁ Close କରାଯାଇ ତାଙ୍କର କରିଥିବା କାର୍ଯ୍ୟର ବିଲ୍ ପଇଠ କରିବା ଏବଂ ଅତିରିକ୍ତ ସମୟ ୩୭୯ ଦିନକୁ ବିନା penalty ରେ ଅନୁମୋଦନ କରିବାକୁ ନିବେଦନ କରିଛନ୍ତି । ଏହା ଉପରେ କମିଟିଙ୍କ ବିଗ୍ଚର:- ନଥି ନଂ-XXIX-PW-Div.-I-1489/2023 ଟିପ୍ପଣୀ-୩୩ ରୁ ୩୮ ଏବଂ ପତ୍ରାଳାପ ପୃଷ୍ଠା-୩୨୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୯. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୦. ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୱାର୍ଡ଼ ନଂ-୬, ୧୩ ଓ ୩୦ ରେ ୧(ଏକ) ବର୍ଷର ୱାରେଂଟି ସହିତ ୪(ଚାରି) ଗୋଟି ପୋର୍ଟା କେବିନ୍ (Porta Cabin) ସପ୍ଲାୟ, ସ୍ଥାପନ ଓ କମିଶନିଙ୍ଗ୍ କାର୍ଯ୍ୟ ପାଇଁ ଆନୁମାନିକ ବ୍ୟୟ ପ୍ରତି ଏକ ପୋର୍ଟା କେବିନ୍ (Porta Cabin) ପାଇଁ ଟ୫.୭୦ ଲକ୍ଷ (Inclusive of GST) ହେବା ସହିତ ମୋଟ ୩ (ତିନି) ଗୋଟି ପୋର୍ଟା କେବିନ୍ (Porta Cabin) ପାଇଁ ଅଟକଳ ବ୍ୟୟ ଟ୧୭.୧୦ ଲକ୍ଷ ହେଉଛି। ଉକ୍ତ ପୋର୍ଟା କେବିନ୍ ଗୁଡ଼ିକୁ ଭୁବନେଶ୍ୱର ସହରର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ସଫେଇ କର୍ମଚାରୀ ମାନଙ୍କ ବିଶ୍ରାମ ଓ ଆବଶ୍ୟକ ସୁବିଧା (ଜଳ, ବିଦ୍ୟୁତ୍, ବସିବା ସୁବିଧା ଇତ୍ୟାଦି) ପାଇଁ ସ୍ଥାପନ କରାଯିବ ଯାହା ଫଳରେ କାର୍ଯ୍ୟରତ ଥିବା ସମସ୍ତ ସଫେଇ କର୍ମଚାରୀମାନେ ସୁସ୍ଥ ଓ ସୁବିଧାଜନକ ପରିବେଶରେ ତାଙ୍କ କାମକୁ ନିଷ୍ଠାପୂର୍ବକ କରିପାରିବେ, ଯାହା ସହର ସ୍ୱଚ୍ଛତା କାର୍ଯ୍ୟର ଗୁଣତ୍ୱ ଓ କାର୍ଯ୍ୟକ୍ଷମତା ବଢ଼ାଇବ। ଭୁବନେଶ୍ୱର ମହାନଗର ନିଗମ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅନୁସାରେ ଆଗାମୀ ଦିନରେ ସମସ୍ତ ୬୭ ଟି ୱାର୍ଡ଼ରେ ଏହି ପ୍ରକାରର ପୋର୍ଟା କେବିନ୍ ବ୍ୟବସ୍ଥା ପର୍ଯ୍ୟାୟ କ୍ରମେ ସ୍ଥାପନ କରିବାକୁ ଯୋଜନା କରାଯାଇଛି। ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର:- ନଥି ନଂ- XXXXX-II-SWMPMU-173/2025 ଟିପ୍ପଣୀ ପୃଷ୍ଠା-୧ ରୁ ୧୬ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୧୦. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସନ୍ଧ୍ୟା ୬.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା।

ସ୍ୱା- ସୁଲୋଚନା ଦାସ
ସଭାପତି
ତା ୨୯.୧୦.୨୦୨୫ ରିଖ